## ଗ୍ରାମୀଣ କୃଷି ମୌଷମ ସେବା, କ୍ଷେତ୍ରୀୟ କୃଷି ଉପଦେଶ ଏକକ, କିରେଇ
## ଆଞ୍ଚଳିକ ଗବେଷଣା ଓ ବୈଷୟିକ ସଂପ୍ରସାରଣ ଉପକେନ୍ଦ୍ର, ସୁନ୍ଦରଗଡ
## ଓଡିଶା କୃଷି ଓ ବୈଷୟିକ ବିଶ୍ୱ ବିଦ୍ୟାଳୟ, ସୁନ୍ଦରଗଡ

***ସାପ୍ତାହିକ କ୍ରମିକ ସଙ୍ଖ୍ୟା : ୪୯,ବୁଲେଟିନ ନମ୍ବର- ୯୭ , ତାରିଖ : ୦୫/୧୨/୨୦୨୩ , ମଙ୍ଗଳ ବାର***

**ଆସନ୍ତା ପାଞ୍ଚ ଦିନର ପାଣିପାଗ ସୂଚନା :**

ଆଗାମୀ ୦୬.୧୨.୨୦୨୩ –୧୦.୧୨.୨୦୨୩ ,ବୁଧ ବାର – ରବି ବାର  ପର୍ଯ୍ୟନ୍ତ ସପ୍ତାହର ପାଣିପାଗ ଆଗାମୀ ପାଞ୍ଚ ଦିନରେ ହାଲୁକା ଧରଣର ବର୍ଷା ହେବାର ସମ୍ଭାବନା ରହିଅଛି ।ସର୍ବାଧିକ ତାପମାତ୍ରା (୨୭–୨୯ °C)ମଧ୍ୟରେ ରହିବାର ସମ୍ଭାବନା ରହିଛି  ଓ ସର୍ବନିମ୍ନ ତାପମାତ୍ରା (୧୫ -୧୮ °C ) ମଧ୍ୟରେ ରହିବାର ସମ୍ଭାବନା ରହିଛି । ଆଗମି ସପ୍ତାହ ରେ ସର୍ବାଧିକ ଆପେକ୍ଷିକ ଆର୍ଦ୍ରତା (୮୯–୯୭ %) ମଧ୍ୟରେ ଓ ସର୍ବନିମ୍ନ ଆପେକ୍ଷିକ ଆର୍ଦ୍ରତା (୫୯–୮୮ %) ମଧ୍ୟରେ ରହିବାର ଭାରତ ପାଣିପାଗ ବିଭାଗ ,ଭୁବନେଶ୍ୱର ର ତଥ୍ୟ ଅନୁଯାୟୀ ପୂର୍ବାନୁମାନ କରାଯାଉଅଛି ।

| ଜିଲ୍ଲା | ତାରିଖ | ବର୍ଷା (ମି.ମି) | ସର୍ବାଧିକ ତାପମାତ୍ରା (ଡି.ସେ) | ସର୍ବନିମ୍ନ ତାପମାତ୍ରା (ଡି.ସେ) | ମେଘାଛନ୍ନ | ସର୍ବାଧିକ ଆପେକ୍ଷିକ ଆର୍ଦ୍ରତା (ପ୍ରତିଶତ) | ସର୍ବନିମ୍ନ ଆପେକ୍ଷିକ ଆର୍ଦ୍ରତା (ପ୍ରତିଶତ) | ବାୟୁ ର ବେଗ (କି.ମି. ପ୍ର.ଘ) | ବାୟୁ ର ଦିଗ (ଡି.ଗ୍ରୀ) |
|---|---|---|---|---|---|---|---|---|---|
| ଦେଓଗଡ | ୦୬-୧୨-୨୦୨୩ | ୫ | ୨୭ | ୧୮ | ୬ | ୯୬ | ୮୮ | ୪ | ୯୦ |
| | ୦୭-୧୨-୨୦୨୩ | ୭ | ୨୭ | ୧୮ | ୬ | ୯୭ | ୮୫ | ୫ | ୬୬ |
| | ୦୮-୧୨-୨୦୨୩ | ୫ | ୨୮ | ୧୭ | ୫ | ୯୬ | ୮୪ | ୩ | ୬୯ |
| | ୦୯-୧୨-୨୦୨୩ | ୧ | ୨୯ | ୧୫ | ୩ | ୯୪ | ୭୯ | ୪ | ୨୬ |
| | ୧୦-୧୨-୨୦୨୩ | ୦ | ୨୯ | ୧୫ | ୧ | ୮୯ | ୫୯ | ୪ | ୭୨ |

### କୃଷି ପାଣିପାଗ ଉପଦେଶ

**ସାଧାରଣ ପରାମର୍ଶ :** ଅମଳ ହୋଇଥିବା କୃଷିଜାତ ଦ୍ରବ୍ୟକୁ ସୁରକ୍ଷିତ ସ୍ଥାନକୁ ସ୍ଥାନାନ୍ତରିତ କରାଇଦିଅାନ୍ତୁ ।  ଯେଉଁମାନେ ଅମଳ କରିବେ ପାଣିପାଗ ସ୍ୱଷ୍ଟ ହେବାପର୍ଯ୍ୟନ୍ତ ଅମଳକୁ ସ୍ଥଗିତ ରଖିବେ ।

ପନିପରିବା ତଥା ରବି ଫସଲରେ ଜଳନିଷ୍କାସନ କରିବା ପାଇଁ ତୁରନ୍ତ ପଦକ୍ଷେପ ନିଅନ୍ତୁ । ବାଇଗଣ,ବିଲାତିବାଇଗଣ,ଫୁଲକୋବି,ବନ୍ଧାକୋବି,ବ୍ରୋକୋଲି ଓ କ୍ୟାପ୍ସିକମ ଆଦିଫସଲତଳିଘେରାରେଧଳା ଜରି ବାଉଁଶ ଡେରାଦେଇ ଘୋଡାଇ ବର୍ଷାଦାଉରୁ ରକ୍ଷାକରନ୍ତୁ ।

**ଚିନାବାଦାମ:** ଧରଣୀ, କାଦରୀ-୯, ଟିଏଜି-୨୪, କଳିଙ୍ଗ ଚିନାବାଦାମ ଭଳି ଭଲ କିସମ ସଙ୍ଗ୍ରହ କରନ୍ତୁ। ବିହନ ହାର ହେଉଛି ୫୦ କିଲୋ ବିହନ/ଏସି। ବିହନ ବୁଣିବା ପୂର୍ବରୁ ରାଇଜୋବିୟମ  ୩୦ ଗ୍ରାମ/କି.ଗ୍ରା. ବିହନରେ ଫଙ୍ଗିନାଶକ ଚିକିତ୍ସା କରିବା ପରେ ବିହନର ଚିକିତ୍ସା କରନ୍ତୁ। ବ୍ୟବଧାନ ହେଉଛି ୩୦ ଓ ୧୦ ସେ.ମି.। ଅନ୍ତିମ ଜମି ପ୍ରସ୍ତୁତି ପରେ ୨ ଟି ଏଫ୍.ବାଇ.ଏମ୍,

୧୦୦ କେ.ଜି ଜିପ୍ସମ୍, ୪ କେ.ଜି ୟୁରିଆ, ୩୫କେ.ଜି ଡି.ଏପି ଏବଂ ୨୬ କେ.ଜି ପୋଟାସକୁ ବେସାଲ୍ ଡୋଜ୍ ଭାବରେ ପ୍ରୟୋଗ କରନ୍ତୁ।

**ପିଆଜ-**

ପିଆଜ ତଳି ପ୍ରସ୍ତୁତ କରିବାସମୟରେ ଏକ ହେକ୍ଟର ଜମି ପାଇଁ ୫୦୦ ବର୍ଗମିଟର ପରିମିତ ଜମିରେ ତଳି ପକାନ୍ତୁ ତଳିପଟାଳି ଜମିଠାରୁ ୬ ଇଞ୍ଚଉଚ୍ଚ୧ ମିଟର ଓସାର ଏବୌଁ ସୁବିଧା ଅନୁଯାୟୀ ଲମ୍ବ ହେବା ଆବଶ୍ୟକ ।

୨୦କିଗ୍ରା ଭଲ ଶଢା ଶୁଖିଲା ଗୋବର ଖତ ସହ ୧ କିଗ୍ରା ଟ୍ରାଇକୋଡର୍ମା ଭିରିଡେ ଜୀବଣୁସାର ଭଲଭାବରେ ମିଶାଇ ଏହାକୁ ୨-୩ ଦିନ ଛାଇରେ ପଲିଥିନ ଘୋଡାଇ ରଖି ତଳିପଟାଳିରେ ପ୍ରୟୋଗ କରି ବିଶୋଧିତ ବିହନ ଧାଡିରେ ବୁଣନ୍ତୁ ।

ଜଳ ନିଷ୍କାସନ ପାଇଁ ପ୍ରତି ତଳି ପଟାଳି ମଝିରେ ୧ ଫୁଟ ଓସାରର ନାଳ ରଖନ୍ତୁ ତଳି ୮-୧୦ ସପ୍ତାହର ହୋଇଯାଇଥିଲେ ଜମିରେ ରୋପଣ କରନ୍ତୁ । ହେକ୍ଟର ପିଛା ୮ ରୁ ୧୦ କିଗ୍ରା ବିହନ ଆବଶ୍ୟକ ଅଟେ ପିଆଜର ଅଧିକ ଅମଳକ୍ଷମ ବିହନ ଗୁଡିକ ହେଲା ଏଗ୍ରି ଫାଉଣ୍ଡ ଲାଇଟ ରେଡ,ଏନ -୫୩,ଭୀମା ସୁପର ଓ ଭୀମା ଶକ୍ତି ।

**ଆଳୁ :**

ଆଳୁ ଫସଲ ୨-୩ ସପ୍ତାହ ର ହୋଇଯାଇଥିଲେ ପ୍ରଥମ କୋଡାଖୁସା କରି ହୁଡା ଟେକିଦିଅନ୍ତୁ ।

ଏହି ସମୟରେ ୫୦ କିଗ୍ରା ଯବକ୍ଷାରଜାନ ୬୦ କିଗ୍ରା ପଟାସ ଆଳୁ ଗଛରେ ଧାଡିରେ ଦୁଇପାଖରେ ୭-୧୦ ସେମି ଦୂରତାରେ ୨-୩ ସେମି ଗଭୀରରେ ପ୍ରୟୋଗ କରନ୍ତୁ ।

ଆଳୁ ଫସଲରେ ସଅଳ ପତ୍ରପୋଡା  ରୋଗରୁ ରକ୍ଷା ପାଇବାପାଇଁ ହେକ୍ଟର ପ୍ରତି ୧.୫ କିଗ୍ରା ମାଙ୍କଜେବ କୁ ୫୦୦ ଲିଟର ପାଣିରେ ମିଶାଇ ଆଳୁ ଗଛରେ ଭଲଭାବରେ ସିଞ୍ଚନ କରନ୍ତୁ କିମ୍ବା ତଳି ରୋଇବାର ୩ ଦିନ ପରେ ହେକ୍ଟର ପ୍ରତି ୩.୫ ଲିଟର ଷ୍ଟମ୍ପ ବା ୧୫୦୦ ମିଲି ଟ୍ରିବୁଲିନ ୫୦୦ ଲିଟର ପାଣିରେ ମିଶାଇ ପ୍ରୟୋଗ କରନ୍ତୁ ।

**ବିଲାତି ବାଇଗଣ :** ଭଲ କିସମ ହେଉଛି ସ୍ୱର୍ଣ୍ଣ ସମ୍ପଦ, ଅର୍କ ରକ୍ଷକ, ଅର୍କ ସମ୍ରାଟ। ଉନ୍ନତମାନର ଚାରାକୁ 60 ସେଣ୍ଟିମିଟର ଓ 45 ସେଣ୍ଟିମିଟର ଉଚ୍ଚତାରେ ରୋପଣ କରନ୍ତୁ। କ୍ଷେତ ପ୍ରସ୍ତୁତି ସମୟରେ ନିମ୍ବ ପିଠା 1 ଟନ୍/ଏସି ଏବଂ ଏଫ୍.ଏମ୍/ଏସି ର 4 ଟନ୍ ପ୍ରୟୋଗ କରନ୍ତୁ।

**ଫଳବଗିଚା -** ଫଳବଗିଚା ସଫାକରି ଅନୁମୋଦିତ ପ୍ରଣାଳୀରେ ଖତ ,ରାସାୟନିକ ସାର ସହିତ ଆବଶ୍ୟକ ଅନୁଯାୟୀ ଜଳସେଚନ କରନ୍ତୁ ।  ପୁରୁଣା ଗଛକୁ କାଣ୍ଟ୍ ଛାଣ୍ଟ କରନ୍ତୁ ଉଈ ଆକ୍ରମଣ ପ୍ରତି ବିଶେଷ ଧ୍ୟାନ ଦିଅନ୍ତୁ ।

**ବାଇଗଣ :**

ବାଇଗଣ ରେ କାଣ୍ଡ ଓ ଫଳବିନ୍ଧା ପୋକର ଦମନ ପାଇଁ ସମନ୍ୱିତ ପୋକ ପରିଚାଳନା ପଦ୍ଧତି ଅନୁସାରେ ଏକର ପ୍ରତି ୨୦,୦୦୦ ଟ୍ରାଇକୋଗ୍ରାମା ପରାଶ୍ରୟୀ କୀଟ ଛାଡନ୍ତୁ କିମ୍ବା ୩୦୦ ପି ପି ଏମ ନିମ୍ବଜାତ କୀଟନାଶକକୁ ଏକର ପ୍ରତି ୧ ଲିଟର ହିସାବରେ ପ୍ରୟୋଗ କରନ୍ତୁ କିମ୍ବା ପ୍ରତି ଲିଟର ପାଣିରେ ୫ ଗ୍ରାମ କାର୍ବାରିଲ ମିଶାଇ ସିଞ୍ଚନ କରନ୍ତୁ ।

**ଗହମ :**ତାପମାତ୍ରା ୨୦ ଡିଗ୍ରୀ ସେଲସିୟସ ତଳକୁ କମିଲେ ଗହମ ବୁଣା ଆରମ୍ଭ କରାଯାଏ । ଆମ ରାଜ୍ୟ ର ଆଭ୍ୟନ୍ତରୀଣ ଜିଲ୍ଲା ମାନଙ୍କରେ ବିଳମ୍ବରେ ଗହମ ବୁଣାଯାଇ ପାରିବ ।

ଏକର ପ୍ରତି ୪୦-୫୦ କି.ଗ୍ରା. ବିହନ ଆବଶ୍ୟକ ହୋଇଥାଏ । ପ୍ରତି କି.ଗ୍ରା. ବିହନରେ ୦୩ ଗ୍ରାମ ଥିରାମ କିମ୍ବା ୦୨ ଗ୍ରାମ କାର୍ବେଣ୍ଡାଜିମ ଗୋଳାଇ ବିଶୋଧନ କରନ୍ତୁ ।

ଭଲ ଓ ଉନ୍ନତ ଧରଣର ଶସ୍ୟ ପାଇଁ ଭଲଭାବରେ ମାଟି ଗୁଣ୍ଡ କରି ଏକର ପ୍ରତି ୨୦ କ୍ୱିଣ୍ଟାଲ ଶଢା ଗୋବର ବା କମ୍ପୋଷ୍ଟ ପ୍ରୟୋଗ କରନ୍ତୁ ।

ଏକର ପ୍ରତି ୨୪-୩୨ କି.ଗ୍ରା. ଯବକ୍ଷାରଜାନ,୧୬-୨୦ କି.ଗ୍ରା. ଫସଫରସ ଓ ୧୨-୧୬ କି.ଗ୍ରା. ପଟାସ ସାର ଆବଶ୍ୟକ ହୋଇଥାଏ ।

ଗହମ କିସମ ଗୁଡିକ ହେଲା :- (କ)ସୋନାଲିକା (୧୧୦ ଦିନ ) (ଖ)କଲ୍ୟାଣ ଶୋନା (୧୨୦ ଦିନ ) ଏବୌଂ (ଗ)ସାଗରିକା ଏବୌଂ ଉତ୍କଳିକା (୯୫-୧୦୫ ଦିନ )

**କୁକୁଡ଼ା ପାଳନ :**

ଅଧିକ ଅଣ୍ଡା ଓ ମାଂସ ପାଇଁ ଗାଁ ଗହଳିର ବାଡିବାଗିଚାରେ ବନରାଜା ,ଗ୍ରାମପ୍ରିୟ ଓ ପଲ୍ଲୀରଜା ପ୍ରଜାତିର କୁକୁଡ଼ା ପାଳନ କରନ୍ତୁ ।

**ମାଛ ଚାଷ :**

ମାଛ ମାନଙ୍କ ପାଇଁ ଖାଦ୍ଯ ଦେବା ନିତ୍ୟାନ୍ତ ମୁଖ୍ୟ କାର୍ଯା ଅଟେ ଏକ ହେକ୍ଟର ବିଶିଷ୍ଟ ମାଛ ପୋଖରୀରେ ୧୨୫୦୦ ଯାଆଁଳ ପାଇଁ ପ୍ରତିଦିନ ୩ କିଗ୍ରା ୭୫୦ ଗ୍ରାମ କାଣ୍ଡିଆକୁଣ୍ଡା ସହ ୩ କିଗ୍ରା ୭୫୦ ଗ୍ରାମ ବାଦାମ ପିଡିଆ ମିଶାଇ ଖାଇବାକୁ ଦିଅନ୍ତୁ ପୋଖରୀରେ ଜୈବିକ ସାରର ପ୍ରୟୋଗ ର ୭ ଦିନ ପୂର୍ବରୁ ଅମ୍ଳତା ୭.୫ ରୁ କମ ଥିଲେ ପ୍ରତି ହେକ୍ଟର ମିଟର ପାଣିରେ ୧୦୦ କିଗ୍ରା ଚୂନ ପ୍ରୟୋଗ କରନ୍ତୁ ପୋଖରୀର ନିମ୍ନ ସ୍ତରରେ ଥିବା ମିରିକାଳୀ ଓ ବିଲାତି ରୋହି ଉପରସ୍ତରକୁ ଉଠିଲେ ,ପୋଖରୀ ତଳ ମାଟିରୁ ଦୁର୍ଗନ୍ଧ ବାହାରୁଥିଲେ ପ୍ରତି ହେକ୍ଟର ମିଟର ପାଣିରେ ୫୦ କିଗ୍ରା ଜିଓଲାଇଟ ବ୍ୟବହାର କରନ୍ତୁ

**ପ୍ରାଣୀ :**

ଶୀତଦିନରେ ଗାଈମାନଙ୍କ ଠାରେ ଭୂତାଣୁ ଜନିତ ଫାଟୁଆ ରୋଗ ଅଧିକ ଦେଖାଯାଇଥାଏ ।

ସେଥିପାଇଁ ଉକ୍ତ ଫାଟୁଆ ରୋଗର ପ୍ରତିଷେଧକ ବ୍ୟବସ୍ଥା ପାଇଁ ଏହି ମାସରେ ନିକଟସ୍ଥ ପ୍ରାଣୀ ଚିକିସ୍ଚକ ଙ୍କ ସହିତ ପରାମର୍ଶ କରି ଟୀକା ଦିଆନ୍ତୁ ।

ଗାଈ ଛେଳି ମେଣ୍ଢା କୁକୁଡ଼ା ଥିବା ଘରର ଜାଲି କିମ୍ବା ଝରକାରେ ବସ୍ତା ଝୁଲାଇଲେ ରାତିରେ ସେମାନଙ୍କୁ ଅଧିକ ଶୀତ ହେବନାହିଁ ଓ ସେମାନେ ନିମୋନିଆ ଆଦି ରୋଗରୁ ରକ୍ଷା ପାଇପାରିବେ ।

ଛେଳି ଥିବା ଘରେ ତଳେ ଭାଡି ବା ବାଉଁଶ ଚାଞ୍ଚଡାର ବନ୍ଦୋବସ୍ତ କଲେ ଛେଳିମାନଙ୍କୁ ଥଣ୍ଡା ଓ ନିମୋନିଆରୁ ରକ୍ଷା ମିଳିପାରିବ ।

କୃଷି କ୍ଷେତ୍ର ସହ ଜଡିତ ଯେକୌଣସି ସମସ୍ୟା ପାଇଁ ଟୋଲ ଫ୍ରି ନମ୍ବର ୧୫୫୧ କୁ ଡାଏଲ କରନ୍ତୁ।

ଉତ୍ତମ କୃଷି ଲାଭ ପାଇଁ, ଓୟୁଏଟି କଳିଙ୍ଗ ପ୍ରଡକ୍ଟସ୍ (ବିହନ, ସେପଲିଙ୍ଗ୍ ଏବଂ ଜେଡ୍ରିଏମ୍, ଟିସୁ ଚାଷ ଉଦ୍ଭିଦ, ଫଳ ଓ ପନିପରିବା, ମୂଲ୍ୟଯୁକ୍ତ ଉତ୍ପାଦ, ଫିଙ୍ଗରଲିଙ୍ଗ୍/ଇୟରଲିଙ୍ଗ୍, କୁକୁଡ଼ା ଛୁଆ, ପ୍ରଜନନ, ମହୁମାଛି ଓ ଛେଳି, ଜୈବସାର, ଜୈବ କୀଟନାଶକ, ଭେରିମି ଏବଂ ଭେରିକମ୍ପୋଷ୍ଟ ଏବଂ ଫାର୍ମ ଉପକରଣ)

ଆଇଏମଡିର ପାଣିପାଗ ପୂର୍ବାନୁମାନ ଏବଂ ଓଡ଼ିଶା ସ୍ଥିତିର କୃଷି ପାଣିପାଗ ପରାମର୍ଶଦାତା ବର୍ତ୍ତମାନ ମେଘଦୂତରେ ଉପଲବ୍ଧ

ଇଂରାଜୀ ଓ ଓଡ଼ିଆ ଭାଷାରେ ମୋବାଇଲ୍ ଆପ୍‌ ଡାଉନଲୋଡ୍ କରିବା: (ଏଣ୍ଡ୍ରିଓଡ୍: ***https://play.google.com/store/apps/details?id_com.aas.meghdoot)***

**ବି : ଦ୍ରଷ୍ଟବ୍ୟ : ଓୟୁଏଟି ଶାଖା ଚିପଲିମା ଓ ଗମ୍ଭାରିପାଲି ବିହନ ଗବେଷଣା ଫାର୍ମ ଠାରେ ସ୍ୱର୍ଣ୍ଣ ଧାନ ବିହନ ୨୦ କିଗ୍ରା ବସ୍ତା ପିଛା ଟ. ୭୧୨ . ୪୦ ପଇସା ଚାଷୀ ନିମିତ୍ତ ବିକ୍ରି ହଉଅଛି |**

*ନୋଡାଲ ଅଫିସର, କିରେଇ*